3.08.31 18:40

# ଜିଲ୍ଲା ଯୁବ ମହୋତ୍ସବ ପାଳନ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତିର  ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଓ ପ୍ରତିରୋଧ କକ୍ଷର ମିଳିତ ସହଯୋଗରେ  ଆଜି  ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ କେନ୍ଦ୍ର ଠାରେ  ଜିଲ୍ଲା ଯୁବ ମହୋତ୍ସବ ପାଳନ ଉପଲକ୍ଷେ  ଏକ କୁଇଜ୍ ପ୍ରତିଯୋଗିତା  ଅନୁଗୋଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର  ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି  । ଏହି କୁଇଜ୍ ପ୍ରତିଯୋଗିତାର ଉଦଘାଟନୀ  ଉତ୍ସବରେ  ଡ. ବିଶ୍ୱ ବିହାରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ  ଏଚ୍ ଆଇ ଭି ଏଡସ୍ର ବିଭିନ୍ନ  ଦିଗ ଉପରେ ଆଲୋଚନା କରିଥିଲେ  ।  ଏହି କୁଇଜ୍ ପ୍ରତିଯୋଗିତା  ଏ ଆର ଟି ସେଣ୍ଟରର  ବରିଷ୍ଠ ମେଡିକାଲ ଅଫିସର ଡ. ସାଶ୍ୱତ ସାଗର ମିଶ୍ର ପରିଚାଳନା କରିଥିଲେ  ।  ଏଥିରେ ଜିଲ୍ଲା  ଏଡସ୍ ନିୟନ୍ତ୍ରଣ କକ୍ଷର  କାର୍ଯ୍ୟକ୍ରମ ଅଧିକାରୀ  ଡ. ପ୍ରମିଳା ହୋତା  ସଂଯୋଜନା କରିଥିଲେ । ଏଥିରେ ଆଇ ସି ଟି ସିର କର୍ମକର୍ତ୍ତା, ଏଡସ୍ ନିୟନ୍ତ୍ରଣ କକ୍ଷର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଏହି କୁଇଜ୍ ପ୍ରତିଯୋଗିତାରେ  ପି ଟି ସି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ  ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ  ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ   ଏବଂ ଏନ୍ ଏ ସି ଉଚ୍ଚ ବିଦ୍ୟାଳୟ   ଛାତ୍ର ଛାତ୍ରୀମାନେ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା -  ୫୧୩     ତା.୩୧.୦୮.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା  ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

